# NATIONAL NEWS BULLETIN (ODIA)

## 18 June 2026

## Midday Bulletin : 1.50 P.M.

*********************************

## ମୁଖ୍ୟ ସମ୍ବାଦ

- ପ୍ରକୃତିର ଉପାଦାନଗୁଡ଼ିକର ସୁରକ୍ଷାକୁ ଜୀବନର ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ଜନଜାତି ସଂପ୍ରଦାୟ ବିବେଚନା କରନ୍ତି, କହିଲେ ରାଷ୍ଟ୍ରପତି

–ଆସନ୍ତାକାଲି ରାଷ୍ଟ୍ରପତିଙ୍କ ଓଡିଶା ଗସ୍ତ

- ଚଳିତ ଆର୍ଥିକବର୍ଷରେ ୨୬ ହଜାର କିଲୋମିଟରରୁ ଅଧିକ ଗ୍ରାମୀଣ ରାସ୍ତା ନିର୍ମାଣ  କରିବେ ସରକାର

- ହିମାଚଳ ପ୍ରଦେଶର ଚମ୍ବା ଜିଲ୍ଲାରେ ସଡ଼କ ଦୁର୍ଘଟଣାରେ ୭ ଜଣଙ୍କର ମୃତ୍ୟୁ

- ଆମେରିକା ଓ ଇରାନ ମଧ୍ୟରେ କାର୍ଯ୍ୟକାରୀ ହୋଇଛି ବୁଝାମଣାପତ୍ର

ଏବଂ

- ଏଫ୍ଆଇଏଚ୍ ମହିଳା ନେସନ୍ସ କପ୍ ହକି ପ୍ରତିଯୋଗିତାରେ ଉରୁଗୁଏକୁ ୩-୨ ଗୋଲ୍‌ରେ ପରାସ୍ତ କଲା ଭାରତ

# ପ୍ରେଜ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଜନଜାତି ସଂପ୍ରଦାୟର ଜୀବନଶୈଳୀ ସ୍ୱାଭାବିକ ଭାବେ ପ୍ରକୃତି ଏବଂ ଆଧ୍ୟାତ୍ମିକତାର ନିକଟତର ହୋଇଥାଏ । ସେମାନେ ପୃଥିବୀ, ଜଳ, ବାୟୁ, ସୂର୍ଯ୍ୟ ଏବଂ ପ୍ରକୃତିର ଅନ୍ୟାନ୍ୟ ଉପାଦାନଗୁଡ଼ିକୁ ସମ୍ମାନ ପ୍ରଦର୍ଶନ କରନ୍ତି । ପ୍ରକୃତିର ଉପାଦାନଗୁଡ଼ିକର ସୁରକ୍ଷାକୁ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ଜନଜାତି ସଂପ୍ରଦାୟ ବିବେଚନା କରନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି । ମଧ୍ୟପ୍ରଦେଶର ବେତୁଲ୍ ଠାରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଆଧାତ୍ମିକ ଜାଗରଣ ମାଧ୍ୟମରେ 'ଜନଜାତି ସଂପ୍ରଦାୟର ସଶକ୍ତିକରଣ' ଶୀର୍ଷକ କାର୍ଯ୍ୟକ୍ରମରେ ଯୋଗଦେଇ ରାଷ୍ଟ୍ରପତି ଏହା କହିଛନ୍ତି । ବିକଶିତ ଭାରତ ସ୍ୱପ୍ନ ସାକାର କରିବା ଦିଗରେ ସମାଜର ପ୍ରତ୍ୟେକ ବର୍ଗ ଗୁରୁତ୍ୱପୂର୍ଣ୍ଣ ବୋଲି ରାଷ୍ଟ୍ରପତି କହିଛନ୍ତି । ଦେଶର ବିକାଶରେ ଜନଜାତି ସଂପ୍ରଦାୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି ବୋଲି ରାଷ୍ଟ୍ରପତି ଉଲ୍ଲେଖ କରିବା ସହ ଏଭଳି ସମ୍ମିଳନୀ ସେମାନଙ୍କ ଭବିଷ୍ୟତ ଗଠନ ଦିଗରେ ଏକ ରୂପରେଖ ପ୍ରସ୍ତୁତ କରିବାରେ ସହାୟକ ହେବ ବୋଲି କହିଛନ୍ତି ।

**V/O**

ମଧ୍ୟପ୍ରଦେଶ ଏବଂ ଓଡ଼ିଶାକୁ ୫ ଦିନିଆ ଗସ୍ତ ଆରମ୍ଭରେ ରାଷ୍ଟ୍ରପତି ଆଜି ଇନ୍ଦୋର ବିମାନ ବନ୍ଦରରେ ପହଞ୍ଚିଥିଲେ । ସେଠାରେ ରାଜ୍ୟପାଳ

ମଙ୍ଗୁଭାଇ ପଟେଲ ଏବଂ ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ ତାଙ୍କୁ ସ୍ୱାଗତ କରିଥିଲେ ।

ମଧ୍ୟପ୍ରଦେଶର ଓମ୍‌କାରେଶ୍ୱରରେ ଆସନ୍ତାକାଲି ରାଷ୍ଟ୍ରପତି ଆନ୍ତର୍ଜାତିକ ସିକିଲ୍‌ସେଲ୍ ଦିବସ ସମାରୋହରେ ଯୋଗଦେବେ । ମଧ୍ୟପ୍ରଦେଶ ଗସ୍ତ ପରେ ଆସନ୍ତାକାଲି ରାଷ୍ଟ୍ରପତି ଓଡ଼ିଶା ଗସ୍ତରେ ଆସିବେ । ଭୁବନେଶ୍ୱର ଅଖିଳଭାରତୀୟ ଆୟୁରବିଜ୍ଞାନ ସଂସ୍ଥାନ-ଏମସ୍ ଦ୍ୱାରା ଆୟୋଜିତ ଏକ ଚିକିତ୍ସା ଶିବିର ଉଦ୍‌ଘାଟନ କରିବେ । ଅନ୍ୟାନ୍ୟ କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରେ ରାଷ୍ଟ୍ରପତି ରାଇରଙ୍ଗପୁର ସ୍ଥିତ କୁସୁମି ବ୍ଲକ୍ ଅନ୍ତର୍ଗତ ଖଣି ପ୍ରଭାବିତ ଗ୍ରାମଗୁଡ଼ିକ ପାଇଁ ଏକ ବୃହତ ସମନ୍ୱିତ ଗ୍ରାମୀଣ ପାଇପ୍ ଜଳ ଯୋଗାଣ ପ୍ରକଳ୍ପକୁ ଉତ୍ସର୍ଗ କରିବେ । ରାଷ୍ଟ୍ରପତି ମୁର୍ମୁ ଆସନ୍ତା ଶନିବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ପାହାଡ଼ପୁରର ସ୍କୁଲ୍ ଏବଂ ଦକ୍ଷତା କେନ୍ଦ୍ର ପରିଦର୍ଶନ କରି ହିତାଧିକାରୀ ଓ ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ଆସନ୍ତା ୨୧ ତାରିଖରେ ମଧ୍ୟପ୍ରଦେଶର ଜବଲପୁରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆନ୍ତର୍ଜାତିକ ଯୋଗଦିବସ କାର୍ଯ୍ୟକ୍ରମରେ ସାମିଲ ହେବେ ।

# ରୁରାଲ୍ ରୋଡ୍‌ସ

ଚଳିତ ଆର୍ଥିକବର୍ଷରେ ଦେଶରେ ୨୬ ହଜାର କିଲୋମିଟରରୁ ଅଧିକ ଗ୍ରାମୀଣ ରାସ୍ତା ନିର୍ମାଣ ପାଇଁ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଏବଂ ଗ୍ରାମାଞ୍ଚଳ ସଂଯୋଗୀକରଣ ପଦକ୍ଷେପ ଅଧୀନରେ ଏହି ସଡ଼କ ନିର୍ମାଣ ପାଇଁ ୧୮ ହଜାର ୯୦୦ କୋଟିରୁ ଅଧିକ ଟଙ୍କା ବ୍ୟୟବରାଦ କରାଯାଇଛି । ଗ୍ରାମୀଣ ବିକାଶ ବିଭାଗ ସଚିବ ରୋହିତ

କନ୍‌ସଲ୍‌ଙ୍କ ଅଧ୍ୟକ୍ଷତାରେ ଗ୍ରାମୀଣ ସଡ଼କ ଯୋଗାଯୋଗ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନେଇ ସମୀକ୍ଷା ହୋଇଛି ।ଆନ୍ଧ୍ରପ୍ରଦେଶ, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ ସମେତ ଅନ୍ୟ ରାଜ୍ୟଗୁଡ଼ିକର ବରିଷ୍ଠ ପଦାଧିକାରୀ ବୈଠକରେ ଅଂଶ ଗ୍ରହଣ କରିଥିଲେ । ସଡ଼କ ଯୋଗାଯୋଗର ସୁବିଧା ଦେଶର ପ୍ରତ୍ୟେକ ନାଗରିକଙ୍କ ପାଖରେ ପହଞ୍ଚାଇବା ଉପରେ ଶ୍ରୀ କନ୍‌ସଲ୍ ବୈଠକରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକର ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ଶ୍ରୀ କନ୍‌ସଲ୍ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । କ୍ଷେତ୍ରୀୟ ଯାଞ୍ଚକୁ ସୁଦୃଢ଼ କରିବା, ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକର ସମୟ ଅନୁଯାୟୀ କାର୍ଯ୍ୟଶେଷ ଏବଂ ରକ୍ଷଣାବେକ୍ଷଣ ପାଇଁ ଇ-ମାର୍ଗ ପ୍ଲାଟଫର୍ମର ବ୍ୟବହାରକୁ ସୁନିଶ୍ଚିତ କରିବାକୁ ବୈଠକରେ ପରାମର୍ଶ ଦିଆଯାଇଛି ।

## କାଲ୍‌କାଟା-ଏଚ୍‌ସି

ପଶ୍ଚିମବଙ୍ଗ ବିଧାନସଭାରେ ବିରୋଧୀଦଳ ନେତା ଭାବେ ତୃଣମୂଳ କଂଗ୍ରେସ ବିଧାୟକ ଋତବ୍ରତ ବାନାର୍ଜୀଙ୍କ ନିଷ୍ପତ୍ତିକୁ ବିରୋଧ କରି ଆଗତ ଆବେଦନ ଉପରେ କୌଣସି ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଦେବାକୁ କୋଲକାତା ହାଇକୋର୍ଟ ମନା କରିଛନ୍ତି । ଟିଏମ୍‌ସି ବିଧାୟକ ଶୋଭନଦେବ ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ଆଗତ ଏହି ଆବେଦନର ଆଜି ପ୍ରାଥମିକ ଶୁଣାଣି କରି ଜଷ୍ଟିସ୍ କୃଷ୍ଣ ରାଓଙ୍କ ଖଣ୍ଡପୀଠ ବିଧାନସଭା ବାଚସ୍ପତିଙ୍କ ନିଷ୍ପତ୍ତି ଉପରେ ସ୍ଥଗିତାଦେଶ ପ୍ରାର୍ଥନାକୁ ନାକଚ କରିଛନ୍ତି । ଶ୍ରୀ ଚଟ୍ଟୋପାଧ୍ୟାୟ ବିରୋଧୀଦଳ ନେତାଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ, ଯାହାକି ବାଚସ୍ପତିଙ୍କ ଦ୍ୱାରା ଅଗ୍ରାହ୍ୟ ହୋଇଥିଲା । ତେବେ କୋର୍ଟ ପ୍ରତିପକ୍ଷଙ୍କୁ ଜବାବ ଦାଖଲ କରିବାକୁ ୩ ସପ୍ତାହ ସମୟ ପ୍ରଦାନ କରିଛନ୍ତି । ଆସନ୍ତା ମାସ ୨୮ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି

ପାଇଁ ଦିନ ଧାର୍ଯ୍ୟ ହୋଇଛି । ବିଧାନସଭା ବାଚସ୍ପତି ରଥୀନ୍ଦ୍ର ବୋଷ ଟିଏମ୍‌ସି ବିଧାୟକ ରତବ୍ରତ ବାନାର୍ଜୀଙ୍କୁ ବିରୋଧୀଦଳ ନେତା ଭାବେ ମାନ୍ୟତା ପ୍ରଦାନ କରିଛନ୍ତି ।

## ରୋଡ୍ ଆକ୍ସିଡେଣ୍ଟ

ହିମାଚଳ ପ୍ରଦେଶର ଚମ୍ବା ଜିଲ୍ଲାରେ ଗତକାଲି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୭ ଜଣଙ୍କର ମୃତ୍ୟୁ ଘଟିଛି । ୪ ଜଣ ପୁରୁଷ ଓ ୩ ଜଣ ମହିଳା ମୃତକଙ୍କ ମଧ୍ୟରେ ୩ ଜଣ ଭାଇ ଓ ଗୋଟିଏ ଦମ୍ପତି ଅଛନ୍ତି । ଛୁରା ବିଧାନସଭା  ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପୁଖ୍‌ରୀ ମସ୍‌ରୁନ୍ଦ ରାସ୍ତାରେ ଗୋଟିଏ ଯାତ୍ରୀବାହୀ ଗାଡ଼ି ୫୦୦ ମିଟର ଖାତକୁ ଖସିପଡ଼ିଥିଲା । ଘଟଣାସ୍ଥଳରେ ୭ ଜଣଙ୍କର ମୃତ୍ୟୁ ଘଟିଥିଲା । ହିମାଚଳପ୍ରଦେଶ ପୁଲିସ୍‌ର ପ୍ରାଥମିକ ତଦନ୍ତରୁ ଚାଳକ ଭାରସାମ୍ୟ ହରାଇବାରୁ ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି ।

## ୟୁଏସ୍-ଇରାନ ଏଗ୍ରିମେଣ୍ଟ୍

ଆମେରିକା ଏବଂ ଇରାନ ମଧ୍ୟରେ ଏକ ୧୪ସୂତ୍ରୀ ଚୁକ୍ତିନାମା ଇଲେକ୍‌ଟ୍ରୋନିକ୍ସ ମାଧ୍ୟମରେ ସ୍ୱାକ୍ଷରିତ ହୋଇଛି । ସ୍ୱିଜରଲ୍ୟାଣ୍ଡ୍‌ଠାରେ ଆନୁଷ୍ଠାନିକ ଭାବେ ଆସନ୍ତାକାଲି ଏହି ଚୁକ୍ତିନାମା ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି । ଇତିମଧ୍ୟରେ ବୁଝାମଣାପତ୍ର କାର୍ଯ୍ୟକାରୀ ହେବା ସହ ପ୍ରାୟ ୪ ମାସ ଧରି ଦୁଇଦେଶ ମଧ୍ୟରେ ଚାଲିଥିବା ପ୍ରତ୍ୟକ୍ଷ ସଂଘର୍ଷ ବର୍ତ୍ତମାନ ପାଇଁ ବନ୍ଦ ରହିଛି । ସଂପୂର୍ଣ୍ଣ ଶାନ୍ତି ସମାଧାନ ପାଇଁ ୬୦ ଦିନ ଭିତରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା କରାଯିବ । ଏହି ବୁଝାମଣାପତ୍ର ଅନୁଯାୟୀ ଇରାନ ଚାରିପାଖରେ ଆମେରିକା ପକ୍ଷରୁ କାର୍ଯ୍ୟକାରୀ ହୋଇଥିବା ନୌସେନା ଅବରୋଧ ପ୍ରତ୍ୟାହାର ହେବା ଆରମ୍ଭ

ହୋଇଛି । ୩୦ ଦିନ ମଧ୍ୟରେ ହର୍ମୁଜ ପ୍ରଣାଳୀ ଦେଇ ସାଧାରଣ ସାମଗ୍ରିକ ଯାତାୟାତ ପୁନଃ କାର୍ଯ୍ୟକ୍ଷମ ହେବାର ଆଶା ରହିଛି । ବାଣିଜ୍ୟିକ ପରିବହନ ପାଇଁ ସୁରକ୍ଷିତ ପଥ ପ୍ରଦାନ କରିବାକୁ ଇରାନ ପ୍ରତିଶ୍ରୁତି ଦେଇଛି । ଏହି ଚୁକ୍ତିନାମା ସମଗ୍ର ପଶ୍ଚିମ ଏସିଆରେ ଶାନ୍ତି ପ୍ରତିଷ୍ଠାରେ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି ।

## ଶାହା-ହେରିଟେଜ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କ ଗତ ୧୨ବର୍ଷ ବିକାଶ ଓ ଐତିହ୍ୟର ସୁବର୍ଣ୍ଣ ଯୁଗ ବୋଲି କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ଶାହା କହିଛନ୍ତି, ଏହି ୧୨ ବର୍ଷରେ ରାମ ଜନ୍ମଭୂମି ମନ୍ଦିର, କାଶୀ ବିଶ୍ୱନାଥ କରିଡର, ଉଜ୍ଜୟିନୀ ମହାକାଳ ଲୋକ ନିର୍ମାଣ କରାଯାଇଥିଲା । ଏହା ସହିତ ବିଶ୍ୱସ୍ତରୀୟ ଯୋଗାଯୋଗ ବ୍ୟବସ୍ଥା, ଭିତ୍ତିଭୂମି ପ୍ରକଳ୍ପ ଏବଂ ମେକ୍ ଇନ୍ ଇଣ୍ଡିଆ ଭଳି ଅଭିଯାନ ଦ୍ୱାରା ଦେଶ ବିକାଶ ଯାତ୍ରାରେ ଉଲ୍ଲେଖନୀୟ ସମ୍ଭବ ହୋଇଛି। ୧ କୋଟିରୁ ଅଧିକ ରେକର୍ଡର ଡିଜିଟାଇଜେସନ, ୬୬୮ଟି ପୁରାତନ କଳାକୃତିର ପୁନରୁଦ୍ଧାର, ୧୧ଟି ଆଦିବାସୀଙ୍କ ସ୍ୱାଧୀନତା ସଂଗ୍ରାମ ସଂଗ୍ରହାଳୟ ନିର୍ମାଣ କରାଯାଇଛି । ଏହା ବ୍ୟତୀତ ୧୧ଟି ଭାରତୀୟ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରାଯାଇଛି । ସରକାରଙ୍କ ଏହି ଆଭିମୁଖ୍ୟ ଉଭୟ ଐତିହ୍ୟ ବିକାଶ କିପରି ପରସ୍ପର ସହିତ ଜଡ଼ିତ, ତାହା ଦର୍ଶାଉଛି।

## ରାଜନାଥ-ଫାଉଣ୍ଡେସନ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଆସନ୍ତାକାଲି ନାଗପୁରର ଅମ୍ବାଝରିସ୍ଥିତ ଯନ୍ତ୍ର ଇଣ୍ଡିଆ ଲିମିଟେଡ୍ ଗୋଳାବାରୁଦ କାରଖାନାଠାରେ ୧୦ ହଜାର ଟନ୍ ବିଶିଷ୍ଟ ଏକ ଆଲୁମିନିୟମ ଏକ୍ସଟ୍ରୁଜନ୍ ପ୍ରେସ୍‌ର ଭିତ୍ତିପ୍ରସ୍ତର ସ୍ଥାପନ

କରିବେ । ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ଏହି ପ୍ରେସ୍ ଏକ ପ୍ରମୁଖ ଜାତୀୟ ସମ୍ପତ୍ତି ହେବ । ଏହି ପ୍ରେସ୍ ପ୍ରତିରକ୍ଷା ଏବଂ ମହାକାଶ କ୍ଷେତ୍ରର ଆବଶ୍ୟକତା ପୂରଣ କରିବା ପାଇଁ ବୃହତ ଉଚ୍ଚଶକ୍ତିସଂପନ୍ନ ଏବଂ ସଠିକ୍ ଆଲୁମିନିୟମ୍ ମିଶ୍ରିତ ଏକ୍ସଟ୍ରୁଜନ୍ ଉତ୍ପାଦନ କରିବାରେ ଦେଶର ସାମର୍ଥ୍ୟକୁ ମଜବୁତ କରିବ । ଏହି ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ ଆଲୁମିନିୟମ ଉପକରଣର ଆମଦାନୀ ଉପରେ ଦେଶର ନିର୍ଭରଶୀଳତା ହ୍ରାସ କରିବାରେ ସାହାଯ୍ୟ କରିବ । ଆତ୍ମ ନିର୍ଭର ଭାରତ ଅଭିଯାନ ଅଧୀନରେ ଏହା ସ୍ୱଦେଶୀ ଉତ୍ପାଦନକୁ ପ୍ରୋତ୍ସାହିତ କରିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ନାଇଡୁ-ନୋଇଡା ଫ୍ଲାଇଟ୍

ଚେନ୍ନାଇରୁ  ଚମଡ଼ା ସାମଗ୍ରୀ ଓ ମୋଟର ଉପକରଣ ଧରି ଏକ ମାଲ୍‌ବାହୀ ବିମାନ ପ୍ରଥମଥର ପାଇଁ ନୋଇଡା ଆନ୍ତର୍ଜାତିକ ବିମାନ ବନ୍ଦରରେ ଅବତରଣ କରିଥିବା  କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ ସୂଚନା ଦେଇଛନ୍ତି । ସାମାଜିକ ଗଣମାଧ୍ୟମରେ ମନ୍ତ୍ରୀ କହିଛନ୍ତି, ଚେନ୍ନାଇ ବିମାନ ବନ୍ଦରରୁ ମେଡ୍ ଇନ୍ ଭାରତର ମୋବାଇଲ୍ ଫୋନ୍ ଓ ମୋଟର ଯନ୍ତ୍ରାଂଶ ଓ ଅନ୍ୟାନ୍ୟ ଉପକରଣ ପଠାଯାଇଛି । ଏହା ସ୍ଥାନୀୟ ଶିଳ୍ପକୁ ପ୍ରୋତ୍ସାହିତ କରିବା ସହିତ ଯୋଗାଣ ଶୃଙ୍ଖଳକୁ ଦୃଢ଼ କରିବ ବୋଲି ମନ୍ତ୍ରୀ କହିଛନ୍ତି । ସୂଚନାଯୋଗ୍ୟ, ନୋଇଡା ଆନ୍ତର୍ଜାତିକ ବିମାନ ବନ୍ଦର ୨ ଦିନ ପୂର୍ବେ ପ୍ରଥମଥର ପାଇଁ ବ୍ୟବସାୟୀକ କାର୍ଯ୍ୟ ଆରମ୍ଭ କରିଛି ।

## ୟୁଏନ୍-ଗ୍ଲୋବାଲ୍ ହଙ୍ଗର

ଜାତିସଂଘର ଖାଦ୍ୟ ଏଜେନ୍ସି ପକ୍ଷରୁ ଜଳବାୟୁ ସଂକଟ, ଦେଶ ଦେଶ ମଧ୍ୟରେ ବିବାଦ ଓ ଅର୍ଥାଭାବ ହେତୁ ଆସନ୍ତା ମାସରେ ବିଶ୍ୱର ୧୩ଟି

ସ୍ଥାନରେ କ୍ଷୁଧା ବୃଦ୍ଧି ପାଇବ ବୋଲି କୁହାଯାଇଛି । ବିଶ୍ୱ ଖାଦ୍ୟ ଏବଂ କୃଷି ସଂଗଠନ ଓ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ମିଳିତ ରିପୋର୍ଟ୍‌ରେ ଏବେ ବିଶ୍ୱର ପ୍ରାୟ ୨୬୬ ନିୟୁତ ଲୋକ ଖାଦ୍ୟ ଅଭାବର ସମ୍ମୁଖୀନ ହେଉଥିବା କୁହାଯାଇଛି । ରିପୋର୍ଟ୍‌ରେ ସୁଦାମନ, ଦକ୍ଷିଣ ସୁଦାନ, ୟେମେନ୍ ଏବଂ ପାଲେଷ୍ଟାଇନ୍‌ରେ କ୍ଷୁଧାଭାବ ସବୁଠାରୁ ଅଧିକ ହୋଇଥିବା ବେଳେ ନାଇଜେରିଆ ଏବଂ ସୋମାଲିୟା ମଧ୍ୟ ଏହି ତାଲିକାରେ ସାମିଲ ହୋଇଛି । ଅନ୍ୟ ପକ୍ଷରେ ୨୦୨୨ ମସିହାଠାରୁ ଖାଦ୍ୟ ସହାୟତା ପାଇ ୬୦ ପ୍ରତିଶତ ଅର୍ଥ ହ୍ରାସ ପାଇଥିବା ରିପୋର୍ଟ୍‌ରେ ଦର୍ଶାଯାଇଛି ।

## ଏଫ୍‌ଆଇଏଚ୍ ହକି

ନିଉଜିଲ୍ୟାଣ୍ଡଠାରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ମହିଳା ନେସନ୍ସ କପ୍‌ରେ ଭାରତ ଆଜି ଉରୁଗୁଏକୁ ୩-୨ ଗୋଲ୍‌ରେ ପରାସ୍ତ କରିଛି । ଏହା ସହ ଭାରତ କ୍ରମାଗତ ତୃତୀୟ ବିଜୟ ହାସଲ କରି ପୁଲ୍-ଏ ର ଶୀର୍ଷସ୍ଥାନ ଅଧିକାର କରିବା ସହିତ ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ସେମିଫାଇନାଲ୍‌ରେ ଭାରତୀୟ ଦଳ ଆସନ୍ତା ୨୦ ତାରିଖରେ ହେବାକୁ ଥିବା ଚିଲୀ ଓ କୋରିଆ ମ୍ୟାଚ୍‌ର ବିଜେତାଙ୍କୁ ଭେଟିବ ।